ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଢେଙ୍କାନାଳ ଜିଲ୍ଲା ଯୋଜନା କମିଟିର ପ୍ରଥମ ବୈଠକ

## ଖୁବ୍ ଶୀଘ୍ର ଯୋଜନା କମିଟି ବୈଠକ

ଭୁବନେଶ୍ୱର, ୩୧/୦୮/୨୦୧୯

ଢେଙ୍କାନାଳ ଜିଲ୍ଲା ଯୋଜନା କମିଟିର ପ୍ରଥମ ସୌଜନ୍ୟମୂଳକ ବୈଠକ ଲୋକସେବା ସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଢେଙ୍କାନାଳ ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ଶକ୍ତି, ଶିଳ୍ପ, ଏମ୍ଏସ୍ଏମ୍ଇ, ଗୃହ ମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଦସ୍ୟଗଣ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନ ଯୋଜନା ସଂପର୍କରେ ବିଶେଷ ଭାବରେ ଆଲୋଚନା କରିଥିଲେ । ୨୦୧୯-୨୦ ଆର୍ଥିକ ବର୍ଷର ଯୋଜନା ପ୍ରସ୍ତୁତି କରି ଯଥା ଶୀଘ୍ର ସମୀକ୍ଷା ବୈଠକ ଆଗତ କରିବାକୁ ସୌଜନ୍ୟମୂଳକ ସାକ୍ଷାତକାରରେ ଆସିଥିବା ସଦସ୍ୟମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଗୋପବନ୍ଧୁ ଗ୍ରାମୀଣ ଯୋଜନାର କାର୍ଯ୍ୟକାରିତା ଦିଗରେ ନିଆଯାଉଥିବା ପଦକ୍ଷେପ ଉପରେ ଅଧକ୍ଷ କ୍ୟାପ୍ଟେନ୍ ମିଶ୍ର ଗୁରୁତ୍ୱ ଆରୋପ କରିଥିଲେ । ସଂପ୍ରତି କାର୍ଯ୍ୟକାରୀ ହେଉଥିବା ଏବଂ ଆଗାମୀ ଦିନମାନଙ୍କରେ କାର୍ଯ୍ୟକାରୀ ହେବାକୁ ଥିବା ଯୋଜନାଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ୫ 'ଟି' ସୂତ୍ର ଆଧାରରେ ଶେଷ କରିବା ପାଇଁ ଅଧକ୍ଷ କ୍ୟାପ୍ଟେନ୍ ମିଶ୍ର ପରାମର୍ଶ ଦେଇଥିଲେ । ଆଲୋଚନାରେ ଜିଲ୍ଲା ଯୋଜନା କମିଟିର ଉପନିର୍ଦ୍ଦେଶକ ସରୋଜ କୁମାର ସେଠୀ, ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ସେଠୀ, ଅର୍ଥନୈତିକ ପରାମର୍ଶଦାତା ଛାୟାକାନ୍ତ ମିଶ୍ର ଏବଂ ଅର୍ଥ ବିଶେଷଜ୍ଞ ସୁନୀଲ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ରବି ନାରାୟଣ ବେହେରା
ସୂଚନା ଅଧିକାରୀ